# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 August – 2025

********************************

## ମୁଖ୍ୟ ସମ୍ବାଦ

- ଚନ୍ଦ୍ରଯାନ-୩ ମିଶନର ସଫଳତାକୁ ସ୍ମରଣ କରି ଆଜି ପାଳନ କରାଯାଉଛି ଜାତୀୟ ମହାକାଶ ଦିବସ

– ମହାକାଶ କ୍ଷେତ୍ର ଉତ୍ସାହ ଏବଂ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି; କହିଲେ ପ୍ରଧାନମନ୍ତ୍ରୀ

- ଭୁବନେଶ୍ୱରଠାରେ ଆଜି ଅନୁଷ୍ଠିତ ହେବ ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ; ଯୋଗଦେବେ ମୁଖ୍ୟମନ୍ତ୍ରୀ

- ଶ୍ରୀମନ୍ଦିର ପରିସରରେ ନିର୍ମାଣ କରାଯିବ ସ୍ୱତନ୍ତ୍ର ସ୍ତନ୍ୟପାନ ଗୃହ

ଏବଂ

- ଲଘୁଚାପ ପ୍ରଭାବରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି;

*Desk*

# ଜାତୀୟ ମହାକାଶ ଦିବସ

ଚନ୍ଦ୍ରଯାନ-୩ର ସଫଳତାକୁ ସ୍ମରଣ କରି ଆଜି ଜାତୀୟ ମହାକାଶ ଦିବସ ପାଳନ କରାଯାଉଛି। **ଆର୍ଯ୍ୟଭଟ୍ଟଙ୍କ ଠାରୁ ଗଗନଯାନ - ପାରମ୍ପରିକ ଜ୍ଞାନରୁ ଅସୀମିତ ସମ୍ଭାବନା** ବିଷୟବସ୍ତୁକୁ ନେଇ ସମଗ୍ର ଦେଶରେ ଆଜି ଏହି ଦିବସ ପାଳନ ହେଉଛି। ୨୦୨୩ ମସିହା ଆଜିର ଦିନରେ ଚନ୍ଦ୍ରଯାନ ମିଶନ ଅଧୀନରେ ଚନ୍ଦ୍ରପୃଷ୍ଠରେ ବିକ୍ରମ ଲ୍ୟାଣ୍ଡର ସୁରକ୍ଷିତ ଏବଂ ସହଜ ଅବତରଣ କରିଥିଲା। ଏଥିରେ ସମାଜ ଏବଂ ପ୍ରଯୁକ୍ତି ବିଦ୍ୟା ଉପରେ ମହାକାଶ ଅନୁସନ୍ଧାନର ଗଭୀର ପ୍ରଭାବକୁ ଗୁରୁତ୍ୱ ଦିଆଯାଇଛି । ଇସ୍ରୋ ପକ୍ଷରୁ ଗତକାଲି ଦ୍ୱିତୀୟ ମହାକାଶ ଆଲୋଚନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ମହାକାଶ ଦିବସ ଅବସରରେ ଏ କ୍ଷେତ୍ର ସହିତ ଜଡ଼ିତ ସମସ୍ତ ବ୍ୟକ୍ତି, ବୈଜ୍ଞାନିକ ଏବଂ ଯୁବପିଢ଼ିକୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ଭିଡ଼ିଓ ବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି ଯେ ଖୁବ୍ କମ୍ ସମୟ ମଧ୍ୟରେ ଏହା ଉତ୍ସାହ ଏବଂ ଆକର୍ଷଣର ଏକ କେନ୍ଦ୍ରବିନ୍ଦୁ ପାଲଟିଛି । ସେ କହିଛନ୍ତି ଯେ ଆଜି ଭାରତ ଅର୍ଦ୍ଧ-କ୍ରାୟୋଜେନିକ୍ ଇଞ୍ଜିନ୍ ଏବଂ ବୈଦ୍ୟୁତିକ ପ୍ରଚଳନ ଭଳି ପ୍ରଯୁକ୍ତିବିଦ୍ୟାରେ ଦ୍ରୁତଗତିରେ ଅଗ୍ରଗତି କରୁଥିବା ବେଳେ ଖୁବ୍‌ଶୀଘ୍ର ଏହା ଗଗନଯାନ ମିଶନ ଆରମ୍ଭ କରିବ ।

**V/O (PM)**

ଆଜି ଜାତୀୟ ମହାକାଶ ଦିବସ ଅବସରରେ ମହାକାଶ ବିଭାଗ ପକ୍ଷରୁ ଏକମାସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

***BBSR/R***

## ମୁଖ୍ୟମନ୍ତ୍ରୀ – ଦୀକ୍ଷାନ୍ତ

ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ୬୧ତମ ବ୍ୟାଚ୍‌ର ଦୀକ୍ଷାନ୍ତ ସମାରୋହ ଆଜି ଭୁବନେଶ୍ୱରସ୍ଥିତ ଓଡ଼ିଶା ଅଗ୍ନିଶମ ଏବଂ ବିପତ୍ତି ନିସ୍ତାର ପ୍ରତିଷ୍ଠାନରେ ଅପରାହ୍ନରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶା ଅଗ୍ନିଶମ ସେବା ସଙ୍ଗୀତ ଉନ୍ମୋଚନ କରିବେ।

Puri

## ସ୍ତନ୍ୟପାନ ଗୃହ

ପୁରୀ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ମଧ୍ୟରେ ସ୍ତନ୍ୟପାନ କରାଉଥିବା ମା' ଓ ଶିଶୁଙ୍କ ଆବଶ୍ୟକତାକୁ ନଜରରେ ରଖି ଶ୍ରୀମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ସ୍ତନ୍ୟପାନ ଗୃହ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ପରିସରରେ ପ୍ରଶାସନର ଶାଖା କାର୍ଯ୍ୟାଳୟ ନିକଟରେ ଏହି ସ୍ୱତନ୍ତ୍ର ଗୃହ କାର୍ଯ୍ୟକ୍ଷମ କରାଇବାକୁ ସ୍ଥାନ ନିରୂପଣ କରାଯାଇଛି। ସମ୍ପୃକ୍ତ ଗୃହରେ ଗୋପନୀୟତା, ପରିମଳ ଏବଂ ମା' ତଥା ଶିଶୁଙ୍କ ସୁଯତ୍ନ ଉପରେ ଦୃଷ୍ଟି ଦିଆଯିବ। ଗୃହ ପରିଚାଳନା ନିମନ୍ତେ ଜଣେ ସ୍ୱତନ୍ତ୍ର ମହିଳା

ସହାୟିକା ମଧ୍ୟ ରହିବେ। ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି ନିର୍ଦ୍ଦେଶ ଦେଇଛନ୍ତି।

CTC

## ଧର୍ମେନ୍ଦ୍ର ପ୍ରଧାନ– ବୋର୍ଡ ହାଇସ୍କୁଲ

ଛାତ୍ରଛାତ୍ରୀଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରାଗଲେ ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ପୂରଣ ହୋଇପାରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆଜି କଟକ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପରିଦର୍ଶନ କରି ଶ୍ରୀ ପ୍ରଧାନ କହିଛନ୍ତି, ଆଗାମୀ ଦୁଇ ବର୍ଷ ମଧ୍ୟରେ ୪୦ କୋଟି ବ୍ୟୟବରାଦରେ ନୂତନ ଭବନର ନିର୍ମାଣ କରାଯିବ। ଶିଶୁବାଟିକା ସହ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଉପଯୋଗୀ ହେବା ଭଳି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ଏହି ଅବସରରେ ଶ୍ରୀ ପ୍ରଧାନ ହାଇସ୍କୁଲର ହୀରକ ଜୟନ୍ତୀର ଲୋଗୋ ଉନ୍ମୋଚନ କରିଛନ୍ତି। ବିଦ୍ୟାଳୟର ସ୍ମାର୍ଟ କ୍ଲାସରୁମ୍‌ରେ ପିଲାଙ୍କ ସହ ପାଠପଢ଼ାର ଶୈଳୀ ବାବଦରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ମତବିନିମୟ କରିଛନ୍ତି। ଜାତୀୟ ଶିକ୍ଷାନୀତିର ପରାମର୍ଶ ଅନୁସାରେ ଛାତ୍ରଛାତ୍ରୀଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ ପାଇଁ କେନ୍ଦ୍ରମନ୍ତ୍ରୀ’ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।

## ଅନ୍‌ଲାଇନ୍ ଗେମିଂ

ଅନଲାଇନ ଗେମିଂ ପ୍ରସାର ଓ ନିୟନ୍ତ୍ରଣ ବିଧେୟକ-୨୦୨୫କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ମିଳିଛି। ମଞ୍ଜୁରୀ ମିଳବା ପରେ ଆଇନରେ ଥିବା ବ୍ୟବସ୍ଥାଗୁଡିକୁ ଲାଗୁ କରାଯାଇଛି । ଇ-କ୍ରୀଡ଼ା ଏବଂ ଅନଲାଇନ ଖେଳକୁ ପ୍ରୋତ୍ସାହିତ କରିବା ସହିତ ସାଧାରଣ ଜନତାଙ୍କୁ ବେଆଇନ ଅର୍ଥ କାରବାରରୁ ସୁରକ୍ଷା ଦେବା ପାଇଁ ଏହି ବିଧେୟକ ଉପଯୋଗୀ ହୋଇପାରିବ । ଆଇନ ଉଲ୍ଲଂଘନକାରୀଙ୍କୁ ଏହି ଆଇନ ବଦଳରେ ୩ବର୍ଷ ପର୍ଯ୍ୟନ୍ତ ଜେଲ କିମ୍ବା ୧କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି ।

***BBSR/R***

## ମୁଖ୍ୟମନ୍ତ୍ରୀ- ନବୀନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଆଜି ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ' ଶ୍ରୀ ପଟ୍ଟନାୟକଙ୍କୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଗତ ୧୭ ତାରିଖରେ ଶ୍ରୀ ପଟ୍ଟନାୟକ ଅସୁସ୍ଥତା କାରଣରୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ।

*Desk*

## ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ସୋମବାର ଦିନ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଥିବାରୁ ଭୁବନେଶ୍ୱର ୟୁନିଟ୍-୨ଠାରେ ଶୁଣାଣିକୁ ବନ୍ଦ ରଖାଯାଇଥିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ।

Ganjam

## ଚାଷୀ ପଞ୍ଜୀକରଣ

ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ମୋଟ ୧ ଲକ୍ଷ ୨୮ ହଜାର ୭୯୨ ଜଣ ଚାଷୀ ଧାନ କିଣିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ୧ ଲକ୍ଷ ୧୨ ହଜାର ୫୩୫ ଜଣ ଚାଷୀଙ୍କୁ କୃଷକ କୋଡ଼ ମିଳିଥିବାବେଳେ ଚଳିତ ବର୍ଷ ଶତପ୍ରତିଶତ ଚାଷୀ ପଞ୍ଜୀକରଣ କରିବା ନେଇ ଆଶା ରହିଛି।

CTC

## ପାସିଂଆଉଟ୍ ପରେଡ୍

କଟକ ଜିଲ୍ଲା ମୁଣ୍ଡଳୀସ୍ଥିତ ଖାରବେଳ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ରରେ ସହକାରୀ ପୁଲିସ ଅଧିକାରୀ– ଏ.ଏସ୍.ଆଇ.ଙ୍କ ପାସିଂଆଉଟ୍ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଲକାତାସ୍ଥିତ ସି.ଆଇ.ଏସ୍.ଏଫ୍.– ଏନ୍.ଇ.ଏସ୍.ଇ.ଇ’ ର ଆଇ.ଜି. ଶିଖର ସାହାଇ ମୁଖ୍ୟ ଅତିଥିଭାବେ

ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଛନ୍ତି। ଦେଶର ବିଭିନ୍ନ ରାଜ୍ୟର ୩୯୭ ଜଣ ସି.ଆଇ.ଏସ୍.ଏଫ୍.ର ଏ.ଏସ୍.ଆଇ. ଦୀର୍ଘ ୨୫ ସପ୍ତାହ ପ୍ରଶିକ୍ଷଣ ଶେଷ କରିବା ପରେ ଏହି ପରେଡ୍ ଅନୁଷ୍ଠିତ ହୋଇଛି। ପରେଡ୍ ସରିବା ପରେ ଯବାନମାନଙ୍କ ଦ୍ୱାରା ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଛି।

Gajapati

## ପ୍ରବାସୀ ଶ୍ରମିକ

ଗଜପତି ଜିଲ୍ଲା ପର୍ଳବାଡ଼ି ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରବାସୀ ଶ୍ରମିକଙ୍କ ଅଧିକାର ଓ ଏହାସହ ଜଡ଼ିତ ଆଇନ ସମ୍ପର୍କରେ ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ମତବ୍ୟକ୍ତ କରିଥିଲେ। ଶିବିରରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା।

***Puri/R***

## ସପ୍ତପୁରୀ ଅମାବାସ୍ୟା

ପୁରୀ ଶ୍ରୀମନ୍ଦିରରେ ଆଜି ସପ୍ତପୁରୀ ଅମାବାସ୍ୟା ନୀତି ଅନୁଷ୍ଠିତ ହୋଇଛି । ଶ୍ରୀଜୀଉଙ୍କ ଅବକାଶ ନୀତି ସରିବା ପରେ ସକାଳଧୂପରେ ସ୍ୱତନ୍ତ୍ର ରୂପେ ପ୍ରସ୍ତୁତ ସାତପୁରୀ ଭୋଗ ରୋଷ ଘରୁ ଆସିଥିଲା। ପରେ ପୂଜା ପଣ୍ଡା ସେବକଙ୍କ ଦ୍ୱାରା ଷୋଡ଼ଶ ଉପଚାରରେ ଭୋଗ ଲାଗି ହୋଇଥିଲା।

ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ବିଶେଷ ପୂଜା ନୀତି ସହ ଆଜି ସନ୍ଧ୍ୟାଧୂପ ପରେ ବସ୍ତ୍ର ହରଣ ପ୍ରସ୍ତାବ ସହ ମହାପ୍ରଭୁଙ୍କ ବିଜେ ପ୍ରତିମା ଶ୍ରୀନାରାୟଣ ସାଗର ବିଜେ କରିବେ। ଏହି ବିଶେଷ ନୀତି ପାଇଁ ଗତକାଲିଠାରୁ କୁମ୍ଭାରପଡ଼ା ନିକଟରେ ଥିବା ମା' ଆଲାମଚଣ୍ଡୀ ମନ୍ଦିରରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଚାରିଗୋଟି ମାଟିର ତାଡ଼ ଶ୍ରୀମନ୍ଦିରକୁ ବିଜେ କରାଯାଇ ବେହରଣ ଦ୍ୱାର ପାଖରେ ଅଚିନ୍ତା ମଣ୍ଡପଠାରେ ରଖାଯାଇଥିଲା । ଲୋକକଥା ଅନୁସାରେ ମା' ଦକ୍ଷିଣକାଳୀ' ମହାପ୍ରଭୁଙ୍କ ପାଇଁ ସାତ ପ୍ରକାର ପୁରରେ ପିଠା ପ୍ରସ୍ତୁତ କରିଥାନ୍ତି।

Baragarh/Subarnpur

## ଲଙ୍କାପୋଡ଼ି ପର୍ବ

ସୁବର୍ଣ୍ଣପୁର ଜିଲ୍ଲାରେ ଭାଦ୍ରବ ମାସ ଭାଦ୍ରବ ସପ୍ତପୁରୀ ଅମାବାସ୍ୟା ତିଥିରେ ଲଙ୍କାପୋଡ଼ି ପର୍ବ ପାଳିତ ହେଉଛି। ସନ୍ଧ୍ୟାରେ ଟେରାକୋଟାର ଖେଳନାରେ ପ୍ରସ୍ତୁତ ପ୍ରଭୁ ହନୁମାନଙ୍କ ଲାଞ୍ଜରେ ଶିଶୁମାନେ ଅଗ୍ନି ସଂଯୋଗ କରି ସହରର ଗଳିକନ୍ଦିରେ ଟାଣି ଖେଳିବାର ପରମ୍ପରା ରହିଛି।

ବରଗଡ଼ ଜିଲ୍ଲାର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ନିଆରା ଭାବରେ ପୁରାଉଆସଁ ପର୍ବ ପାଳନ କରିଛନ୍ତି। ମାଟିରେ ତିଆରି ବଳଦମାନଙ୍କୁ ପାରମ୍ପରିକ କାଇଁସ ଫୁଲରେ ସଜ୍ଜିତ କରାଯାଇଥିଲା।

BHK

## ଆତ୍ମରକ୍ଷା ସଚେତନତା

ଭଦ୍ରକ ଜିଲ୍ଲା ଆଗରପଡ଼ା ମହାବିଦ୍ୟାଳୟରେ ଆତ୍ମରକ୍ଷା ଓ ସାଇବର କ୍ରାଇମ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମାଜରେ ଘଟୁଥିବା ଅପରାଧ କାର୍ଯ୍ୟର ଆଇନମୂଳକ ତଦନ୍ତ ଉପରେ ଆଲୋଚନା କରାଯାଇଥିଲା। ମୋବାଇଲ ମାଧ୍ୟମରେ ଘଟୁଥିବା ସାଇବର କ୍ରାଇମ୍ ପ୍ରତି ସଚେତନ ରହିବାକୁ ଉପସ୍ଥିତ ଅତିଥିମାନେ  ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

MET/Sambalpur/V/R

## ପାଣିପାଗ-ହୀରାକୁଦ ଜଳଭଣ୍ଡାର

ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ପ୍ରଭାବରେ ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ନେଇ ୨୦ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦ ଦଶମିକ ୮/୧ ଘନଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୨ ଲକ୍ଷ ୨୦ ହଜାର ୫ ଘନଫୁଟ ଜଳ ପ୍ରବେଶ କରୁଛି।

ସେହି ସମୟ ମଧ୍ୟରେ ୪ଟି ସ୍ଲୁଇସ୍ ଗେଟ୍ ଦେଇ ୮୮ ହଜାର ୭୭୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ସମ୍ଭାବ୍ୟ ସ୍ଥିତିକୁ ଦୃଷ୍ଟିରେ ରଖି ବର୍ତ୍ତମାନ ପରିସ୍ଥିତିରେ ମହାନଦୀ ଭିତରକୁ କେହି ପ୍ରବେଶ ନ କରିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ହୀରାକୁଦ ଜଳଭଣ୍ଡାରର ମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ବେହେରା କହିଛନ୍ତି...

**- V/O -**